# ଆରମ୍ଭ[୧]

ଯୋଉଠୁ ଆମେ ଆରମ୍ଭ ହୋଇଥିଲେ
ପୁଣି ଥରେ ଆମେ ଫେରଯିବା ସେଇଠିକୁ ॥

ଗୁମ୍ଫାର ପ୍ରାଚୀନ ନୀରବତା ଭିତରୁ
ଫେରି ଆସିବେ ସବୁ ପଥିକ
ସବୁ ସମୁଦ୍ର,ତରଂଗ
ପାପ, ପୂଣ୍ୟ ଆଉ ମୁହୂର୍ତ୍ତ ॥

ଆମେ ନିଜ ନିଜର ନାଁ ଧରି ଡାକିବା,
ସବୁ ନାଁ ଆରମ୍ଭ ହେବେ ଆରମ୍ଭରୁ,
ସବୁ ଶବ୍ଦ, ସବୁ ସ୍ୱର ସବୁ ଛନ୍ଦରୁ ॥

ଈଶ୍ୱର ହସିବେ ଶେଷଥର ପାଇଁ
ଆଉ ପୂର୍ଣ୍ଣତାରେ
ଉଛୁଳି ପଡ଼ିବ ଆରମ୍ଭ ॥

[୧] କଥା କଥା : କବିତା କବିତା – ଅକ୍ଟୋବର – ଡିସେମ୍ବର – ୧୯୯୯